ଓଡ଼ିଶା ସରକାର

# ବାଣିଜ୍ୟ ଓ ପରିବହନ (ବାଣିଜ୍ୟ) ବିଭାଗର
# ୨୦୦୮-୨୦୦୯ ବର୍ଷର କାର୍ଯ୍ୟାବଳୀର
# ବାର୍ଷିକ ବିବରଣୀ

ବାଣିଜ୍ୟ ଓ ପରିବହନ (ବାଣିଜ୍ୟ) ବିଭାଗ

# ବାଣିଜ୍ୟ ଓ ପରିବହନ (ବାଣିଜ୍ୟ) ବିଭାଗର ୨୦୦୮-୨୦୦୯ ବର୍ଷର କାର୍ଯ୍ୟାବଳୀର ବାର୍ଷିକ ବିବରଣୀ

ଓଡ଼ିଶା ସଚିବାଳୟ ଶାସନ ଅନ୍ତର୍ଗତ ବାଣିଜ୍ୟ ଓ ପରିବହନ ଯୌଗିକ ବିଭାଗର ବାଣିଜ୍ୟ ବିଭାଗ ଏକ ସ୍ୱାଧୀନ ବିଭାଗ ଅଟେ । ଏହା ଅଧୀନରେ ଦୁଇଗୋଟି ବିଭାଗୀୟ ମୁଖ୍ୟ ଦପ୍ତର ରହିଛି । ସେଗୁଡ଼ିକ ଯଥା:—

**1. ମୁଦ୍ରଣ, ଲିଖନ ସାମଗ୍ରୀ ଓ ପ୍ରକାଶନ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ ।**

**2. ବନ୍ଦର ଓ ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ ନିର୍ଦ୍ଦେଶାଳୟ, ଭୁବନେଶ୍ୱର ।**

## EPABX, ଓଡ଼ିଶା ସଚିବାଳୟ, ଭୁବନେଶ୍ୱର

ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା EPABX ଟେଲିଫୋନ ସେବା ତା 12-08-2002 ରିଖରେ ଉଦ୍‌ଘାଟିତ ହୋଇଥିଲା ଏବଂ ଏହାର ପରିଚାଳନା M/s. I.T.I. Ltd. କୁ ନ୍ୟସ୍ତ କରାଯାଇଥିଲା ।

ସଫଳତାର ସହିତ କାର୍ଯ୍ୟ ସମାପ୍ତି ପରେ ତା 14-06-2008 ରିଖ ଠାରୁ M/s. ITI Ltd. କୁ କାର୍ଯ୍ୟରୁ ଅବ୍ୟାହତି ଦିଆଯାଇ M/s. BSNL Ltd. ଙ୍କ ସହିତ ଏକ ନୂତନ ଚୁକ୍ତିନାମା ତା 17-06-2008 ରିଖରେ କରାଗଲା । M/s. BSNL Ltd. ବିନା ଅତିରିକ୍ତ ଦେୟରେ 2000 Line EPBAX ସଂଯୋଗ ପ୍ରଦାନ କରିବେ ଏବଂ ଭବିଷ୍ୟତରେ ଏହା 7500 ସଂଯୋଗ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇପାରିବ । ସରକାରଙ୍କ ନିମ୍ନଲିଖିତ ବିଭାଗ ଓ କାର୍ଯ୍ୟାଳୟକୁ ଏହି EPABX ଟେଲିଫୋନ ସେବା ଯୋଗାଇ ଦେଉଅଛି ।

(କ) ଓଡ଼ିଶା ସରକାରଙ୍କ ସମସ୍ତ ବିଭାଗ (ସୂଚନା ଓ ଲୋକସଂପର୍କ ବିଭାଗ, ପ୍ରଯୁକ୍ତି ବିଭାଗ, ପର୍ଯ୍ୟଟନ ବିଭାଗ ବ୍ୟତୀତ)

(ଖ) ବିଭାଗୀୟ ମୁଖ୍ୟ ଦପ୍ତର କାର୍ଯ୍ୟାଳୟ

(ଗ) ରାଜୀବ ଭବନ

(ଘ) ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

(ଙ) ରାଜ ଭବନ

ରାଜ୍ୟରେ ଥିବା ପୋଷ୍ଟ୍ ଏବଂ ଟେଲିକମ୍ ସମ୍ବନ୍ଧୀୟ ସମସ୍ତ ବିଷୟରେ ଭାରତ ସରକାରଙ୍କ ସହ ସମନ୍ୱୟ ରକ୍ଷା କରିବା ସହ ରାଜ୍ୟ ସଚିବାଳୟ, ଭୁବନେଶ୍ୱରର ପରିସର ମଧ୍ୟରେ ସ୍ଥାପନ କରାଯାଇଥିବା EPABX ର ରକ୍ଷଣାବେକ୍ଷଣ ଏହି ବିଭାଗ ଦ୍ୱାରା କରାଯାଇଥାଏ ।

## ମୁଦ୍ରଣ, ଲିଖନ ସାମଗ୍ରୀ ଓ ପ୍ରକାଶନ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ

କଟକସ୍ଥିତ ଓଡ଼ିଶା ସରକାରୀ ମୁଦ୍ରଣାଳୟ ଉପରୋକ୍ତ ନିର୍ଦ୍ଦେଶାଳୟ ଅଧୀନରେ କାର୍ଯ୍ୟକରେ । ଏହା ଏକ ସେବା ପ୍ରତିଷ୍ଠାନ ଅଟେ, ଯେଉଁଠାରେ ବିଭିନ୍ନ ଅନୁସୂଚିତ ଓ ଅଣଅନୁସୂଚିତ ଫାରମ, ସରକାରୀ ପ୍ରକାଶନ, ବଜେଟ ବହି, ବ୍ୟାଲଟ ପେପର, ମନ୍ତ୍ରୀମଣ୍ଡଳ ପ୍ୟାଡ଼, ବାର୍ଷିକ ସରକାରୀ ଡ଼ାଏରୀ ଏବଂ କ୍ୟାଲେଣ୍ଡର ଇତ୍ୟାଦି ଛପାଯାଏ । ଏହି ମୁଦ୍ରଣାଳୟ ବିଭିନ୍ନ ଲିଖନ ସାମଗ୍ରୀ ବିଭିନ୍ନ ସରକାରୀ ଦପ୍ତରମାନଙ୍କୁ ଯୋଗାଇ ଥାଏ । ଏହା ବ୍ୟତୀତ ଏହି ସଂସ୍ଥା ବିଭିନ୍ନ ପ୍ରକାର କାର୍ଯ୍ୟାଳୟ ଯନ୍ତ୍ରପାତି ଯଥା- ଟାଇପ ମେସିନ, ରୋନିଓ ମେସିନ ଇତ୍ୟାଦିର ମରାମତି ତଥା କ୍ରୟଦର ନିର୍ଦ୍ଧାରଣ କରିଥାଏ । ଏହି ସଂସ୍ଥା ରାଜ୍ୟ ବଜେଟ, ନିର୍ବାଚନ ପାଇଁ ବ୍ୟାଲଟ ପେପର, ରାଜଭବନର ଟେଲିଫୋନ ଡ଼ାଇରେକ୍ଟରି, ସଚିବାଳୟର ଟେଲିଫୋନ ଡ଼ାଇରେକ୍ଟରି ଛପାକାର୍ଯ୍ୟ କରିଥାଏ ।. ଅଧିକ ପରିମାଣର ମୁଦ୍ରଣ କାର୍ଯ୍ୟ କରିବା ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି ଯଥା- High Speed Web Offset Printing Machine, Automatic Binding Machine, Cutting Machine, Wire Stitching Machine DTP Machine and Laser Printers ଇତ୍ୟାଦି ସ୍ଥାପନ କରାଯାଇ ଅଛି ।

ମୁଦ୍ରଣାଳୟର ଆଧୁନିକୀକରଣ କରିବା ପାଇଁ ଓ ଅତ୍ୟାଧୁନିକ ଯନ୍ତ୍ରପାତି କ୍ରୟ କରିବା ପାଇଁ (2008-2009) (State Plan Budget) ରେ 7 କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିଲା । ଏହି ଅର୍ଥ ସଂପୂର୍ଣ୍ଣ ଭାବେ ଯନ୍ତ୍ରପାତି କିଣାରେ ବ୍ୟୟ କରାଯାଇଛି । ଏହାଦ୍ୱାରା ମୁଦ୍ରଣାଳୟର ଉତ୍ପାଦିତ ସାମଗ୍ରୀର ବୃଦ୍ଧି ହେବା ସଙ୍ଗେ ସଙ୍ଗେ ମାନର ଉନ୍ନତି ପରିଲକ୍ଷିତ ହୋଇଛି । ଏହି ନିର୍ଦ୍ଦେଶାଳୟ ଅଧୀନରେ ଏକ ବୈଷୟିକ ବିଦ୍ୟାଳୟ କାର୍ଯ୍ୟ କରୁଅଛି ଯେଉଁଠାରେ ବିଭିନ୍ନ ପ୍ରକାର ମୁଦ୍ରଣ ବ୍ୟବସାୟ ସମ୍ବନ୍ଧୀୟ ପ୍ରଶିକ୍ଷଣ ପ୍ରଦାନ କରାଯାଇଥାଏ । ଓଡ଼ିଶା ସଚିବାଳୟ ପରିସର ମଧ୍ୟରେ **Gazette Cell** ନାମରେ ଏକ ପ୍ରକୋଷ୍ଠ କାର୍ଯ୍ୟ କରୁଅଛି ଯେଉଁଠାରେ **Website** ମାଧ୍ୟମରେ ଓଡ଼ିଶା ଗେଜେଟର ପ୍ରକାଶନ କାର୍ଯ୍ୟ କରାଯାଉଅଛି ।

ଚଳିତ ଆର୍ଥିକ ବର୍ଷ 2008-2009 (ମାର୍ଚ୍ଚ 31, 2009 ସୁଦ୍ଧା) ଏହି ମୁଦ୍ରଣାଳୟରୁ ଟ 2,01,86,000/- (ଦୁଇ କୋଟି ଏକ ଲକ୍ଷ ଛୟାଅଶି ହଜାର ଟଙ୍କା) ରାଜସ୍ୱ ଆଦାୟ କରାଯାଇ ଅଛି ।

## ବନ୍ଦର ଓ ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ ନିର୍ଦ୍ଦେଶାଳୟ, ଭୁବନେଶ୍ୱର

ଏହି ବିଭାଗ ଅଧୀନରେ "ବନ୍ଦର ଓ ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ ନିର୍ଦ୍ଦେଶାଳୟ" ନାମରେ ନାମିତ ଏକ ନୂତନ ନିର୍ଦ୍ଦେଶାଳୟ ଗତ 1-12-2006 ଠାରୁ ଭୁବନେଶ୍ୱର ଠାରେ କାର୍ଯ୍ୟ କରୁଅଛି । ଓଡ଼ିଶାରେ 480 କିଲୋମିଟର ସୁନ୍ଦର ସମୁଦ୍ର ଉପକୂଳ ରହିବା ସଙ୍ଗେ ସଙ୍ଗେ 13ଟି କ୍ଷୁଦ୍ର ବନ୍ଦର ସ୍ଥାପନ କରାଯିବା ପାଇଁ ପ୍ରକୃଷ୍ଟ ସ୍ଥାନ ରହିଛି । ପ୍ରସ୍ତାବିତ ବନ୍ଦର ଗୁଡ଼ିକର ଉନ୍ନତିକରଣ ପାଇଁ ଏବଂ ଅନ୍ତର୍ଦ୍ଦେଶୀୟ ଜଳପଥର ବିକାଶ ପାଇଁ ନୂତନ ନିର୍ଦ୍ଦେଶାଳୟ ଅନେକ ନୂତନ କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି ।

ପୁରୁଣା ଲଞ୍ଚ ଗୁଡ଼ିକ ବଦଳାଇ ନୂତନ ଲଞ୍ଚ କିଣିବା ପାଇଁ (2008-2009) ରାଜ୍ୟ ଯୋଜନା ବଜେଟରେ 36 ଲକ୍ଷ ଟଙ୍କା ବରାଦ କରାଯାଇଥିଲା । ଚଳିତ ଆର୍ଥିକ

ବର୍ଷ 2009-10 ରେ ଲଞ୍ଚ କିଣିବା ବାବଦରେ 45 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ।

2008-09 ମସିହାରେ ମୋଟ 1,03,093 ଜଣ ଯାତ୍ରୀ ଯନ୍ତ୍ରଚାଳିତ ଲଞ୍ଚ ଜରିଆରେ ପରିବହନର ସୁବିଧା ନେଇଛନ୍ତି । ଯାତ୍ରୀ ଭଡ଼ା ବାବଦରେ ସେମାନଙ୍କ ଠାରୁ ମୋଟ 21,80,887/- ଟଙ୍କା ଆଦାୟ ହୋଇଛି ।

ଏହି ବିଭାଗ ଏକ "Port Policy" ଘୋଷଣା କରିଛନ୍ତି ଯାହାଦ୍ୱାରା ରାଜ୍ୟରେ ବନ୍ଦର ଓ ଅନ୍ତର୍ଦେଶୀୟ ଜଳପଥର ଉନ୍ନତିକରଣ ପାଇଁ ପୁଞ୍ଜି ଲଗାଣକୁ ପ୍ରୋତ୍ସାହନ ମିଳିପାରିବ ।

"Orissa Boat Rules, 2004" ପ୍ରଚଳନ ଦ୍ୱାରା ରାଜ୍ୟରେ ଥିବା ସମସ୍ତ ଦେଶୀ ଓ ଯନ୍ତ୍ରଚାଳିତ ଡ଼ଙ୍ଗା ଗୁଡ଼ିକର ପଂଜୀକରଣ କରାଯିବା ସଙ୍ଗେ ସଙ୍ଗେ ନିୟନ୍ତ୍ରଣ କରାଯାଇ ପାରିଛି । 2008-09 ବର୍ଷରେ 1,06,000/- ଟଙ୍କା ଲଞ୍ଚ ସର୍ବେକ୍ଷଣ ଓ ପଞ୍ଜୀକରଣ ବାବଦରେ ଆଦାୟ ହୋଇଛି ।

ରାଜ୍ୟରେ ସମସ୍ତ ପ୍ରକାର ସାମୁଦ୍ରିକ କାର୍ଯ୍ୟକଳାପ ବୃଦ୍ଧି ପାଇଁ "Orissa Maritime Board Act" ପ୍ରଣୟନ କରିବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

ଚଳିତ ଆର୍ଥିକ ବର୍ଷ 2008-2009 (ମାର୍ଚ୍ଚ 31,2009 ) ସୁଦ୍ଧା ବନ୍ଦର ଓ ଅନ୍ତର୍ଦେଶୀୟ ଜଳପଥ ପରିବହନ ନିର୍ଦ୍ଦେଶାଳୟରୁ ଟ 87,50,731/- (ସତାଅଶି ଲକ୍ଷ ପଚାଶ ହଜାର ସାତ ସହ ଏକତିରିଶ) ଟଙ୍କା ରାଜସ୍ୱ ଆଦାୟ କରାଯାଇଅଛି ।

## ଓଡ଼ିଶାର ବନ୍ଦର ସମୂହ ପାଇଁ ଚିହ୍ନିତ ସ୍ଥାନ

ଓଡ଼ିଶାର ପାରାଦ୍ୱୀପ ଠାରେ ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ଏକମାତ୍ର ବୃହତ ବନ୍ଦର ରହିଛି ଯାହା ଓଡ଼ିଶାର ବନ୍ଦର ଆବଶ୍ୟକତା ପୂରଣ କରିବା ପାଇଁ ଯଥେଷ୍ଟ ନୁହେଁ ।

ରାଜ୍ୟରେ ବନ୍ଦର ନିର୍ମାଣ ପାଇଁ ନିମ୍ନଲିଖିତ ସ୍ଥାନରେ ପ୍ରକୃଷ୍ଟ ସୁବିଧା ରହିଛି ।

| କ୍ରମିକ ନମ୍ବର (1) | ବନ୍ଦର ପାଇଁ ସ୍ଥାନର ନାମ (2) | ଜିଲ୍ଲା (3) |
|---|---|---|
| 1 | ଗୋପାଳପୁର | ଗଂଜାମ |
| 2 | ବାହୁଦା ମୁହାଣ (ସୋନପୁର) | ଗଂଜାମ |
| 3 | ପାଲୁର | ଗଂଜାମ |
| 4 | ବାଲିହରଚଣ୍ଡୀ | ପୁରୀ |
| 5 | ଅସ୍ତରଙ୍ଗ | ପୁରୀ |
| 6 | ଜଟାଧାରୀ ମୁହାଣ | ଜଗତସିଂହପୁର |
| 7 | ବରୁଣେଇ ମୁହାଣ | କେନ୍ଦ୍ରାପଡ଼ା |
| 8 | ଧାମରା | ଭଦ୍ରକ |
| 9 | ଚୁଡ଼ାମଣି | ଭଦ୍ରକ |
| 10 | ଇଂଚୁଡ଼ି | ଭଦ୍ରକ |
| 11 | ଚାନ୍ଦିପୁର | ବାଲେଶ୍ୱର |
| 12 | ବାହାବଳପୁର | ବାଲେଶ୍ୱର |
| 13 | ସୁବର୍ଣ୍ଣରେଖା ମୁହାଣ (କୀର୍ତ୍ତନିଆ) | ବାଲେଶ୍ୱର |

ଉପରୋକ୍ତ 13 ଗୋଟି ବନ୍ଦର ପାଇଁ ଚିହ୍ନିତ ସ୍ଥାନ ମଧ୍ୟରୁ ଧାମରା ଠାରେ ଏକ ବୃହତ ବନ୍ଦର ସ୍ଥାପନ ପାଇଁ ଘରୋଇ କମ୍ପାନୀ **International Sea Port Company (ISP)**, ସିଙ୍ଗାପୁରକୁ ହସ୍ତାନ୍ତରିତ କରାଯାଇଛି ଏବଂ ନିର୍ମାଣ କାର୍ଯ୍ୟ ଚାଲୁରହିଛି । ସେହିଭଳି ଗୋପାଳପୁର ବନ୍ଦର ଏକ ଘରୋଇ କମ୍ପାନୀ **"Gopalpur Port Limited"** କୁ ବନ୍ଦରର ଉନ୍ନତିକରଣ ପାଇଁ ହସ୍ତାନ୍ତରିତ କରାଯାଇଛି ଏବଂ ବନ୍ଦରର ଉନ୍ନତିକରଣ କାର୍ଯ୍ୟ ଦୁଇଟି ପର୍ଯ୍ୟାୟରେ ହେବ । ପ୍ରଥମ ପର୍ଯ୍ୟାୟର କାର୍ଯ୍ୟ ଗତ ଜାନୁୟାରୀ 2007 ରୁ ଆରମ୍ଭ ହୋଇଛି । ସୁବର୍ଣ୍ଣରେଖା ମୁହାଣ (କୀର୍ତ୍ତନିଆ)

ଠାରେ ଏକ କ୍ଷୁଦ୍ର ବନ୍ଦର ନିର୍ମାଣ ପାଇଁ ରାଜ୍ୟ ସରକାର Creative Port Private Limited, Chennai ସହିତ ଗତ ଏଗାର ଜାନୁୟାରୀ 2008 ରେ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି । ଏହି ବନ୍ଦର କାର୍ଯ୍ୟକାରୀ ହେଲେ ପ୍ରତିବର୍ଷ 14 MT ଠାରୁ 50 MT ପର୍ଯ୍ୟନ୍ତ ପଣ୍ୟ କାରବାର ତିନୋଟି ପର୍ଯ୍ୟାୟରେ ହୋଇ ପାରିବ । ଏହି ବନ୍ଦରର ପ୍ରଥମ ପର୍ଯ୍ୟାୟ ଉନ୍ନତିକରଣ କାର୍ଯ୍ୟ 2011 ମସିହା ସୁଦ୍ଧା ଶେଷ ହେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ପୁରୀ ଜିଲ୍ଲାର ଅସ୍ତରଙ୍ଗ ଠାରେ Navoyuga Engineering Limited, Hydarabad ଏକ କ୍ଷୁଦ୍ର ବନ୍ଦର ନିର୍ମାଣ ପାଇଁ 22 December, 2008 ରେ ରାଜ୍ୟ ସରକାଙ୍କ ସହିତ MoU ସ୍ୱାକ୍ଷର କରିଛନ୍ତି ।

## ନାବିକ ପ୍ରଶିକ୍ଷଣ ଅନୁଷ୍ଠାନ, ଚାନ୍ଦବାଲି

ଚାନ୍ଦବାଲି ଠାରେ ଏକ ନାବିକ ପ୍ରଶିକ୍ଷଣ ଅନୁଷ୍ଠାନ 1979 ମସିହାରୁ କାର୍ଯ୍ୟକାରୀ ହେଉଛି । ଏହା ଏବେ ବନ୍ଦର ଓ ଜଳପଥ ପରିବହନ ନିର୍ଦ୍ଦେଶାଳୟ ଅଧୀନରେ ରହିଛି । ଏଠାରେ ନୂତନ ପ୍ରାର୍ଥୀମାନଙ୍କୁ ଦଶ ମାସର ପ୍ରଶିକ୍ଷଣ ଓ ସେବାରେ ଥିବା ପ୍ରାର୍ଥୀଙ୍କୁ ତିନି ମାସର ପ୍ରଶିକ୍ଷଣ ଦିଆଯାଏ । ରାଜ୍ୟ ତଥା ରାଜ୍ୟ ବାହାର ପ୍ରାର୍ଥୀମାନେ ଏଠାରେ ପ୍ରଶିକ୍ଷଣ ନେଇଥାନ୍ତି ।

## ଓଡ଼ିଶା ସମୁଦ୍ରୀୟ ଏକାଡ଼େମୀ, ପାରାଦ୍ୱୀପ

ଶିକ୍ଷାର୍ଥୀମାନଙ୍କୁ ନୌବାହିନୀ, ଜାହାଜରେ ନିଯୁକ୍ତି ଓ ସାମୁଦ୍ରିକ ବାଣିଜ୍ୟରେ ସ୍ୱ-ନିଯୁକ୍ତି ନିମନ୍ତେ ତାଲିମ ଦେବା ପାଇଁ ସରକାର ପାରାଦ୍ୱୀପ ଠାରେ (Orissa Maritime Academy ) ନାମରେ ଏକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିଛନ୍ତି । ରାଜ୍ୟ ସରକାର Grant-in-Aid ଭାବେ 2008-09 ମସିହାରେ Rs. 5 ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ ।